1961
ଏପ୍ରିଲ 4

ଡ. ଜାଫର ଅଲ୍ଲୀ ଶାହ ଏବଂ ଅନ୍ୟମାନେ

ବନାମ

ବାସ୍ତୁହରା ସମ୍ପତିର ସହାୟକ ତତ୍ତ୍ୱାବଧାରକ, ଝାନ୍ସୀ ଏବଂ ଅନ୍ୟମାନେ

(ବି. ପି. ସିହ୍ନା, ମୁଖ୍ୟ ନ୍ୟାୟାଧୀଶ, ଏସ୍. କେ. ଦାସ, ଏ. କେ. ସରକାର, ଏନ୍. ରାଜଗୋପାଳ ଆୟଙ୍ଗର ଏବଂ ଜେ. ଆର୍. ମୁଧୋଲକର, ନ୍ୟାୟାଧୀଶବୃନ୍ଦ )

*ବାସ୍ତୁହରା ସମ୍ପତି- ଘୋଷଣା - ବିଜ୍ଞପ୍ତି ଜାରି ନକରି ସମ୍ପାଦନ କରି ହେବ କି- ବାସ୍ତୁହରା ସମ୍ପତି ଅଧିନିୟମ 1950 ( 31/1950 ) ଧାରା 7 ର ପ୍ରଣୟନ- ବିସ୍ଥାପିତ ବ୍ୟକ୍ତି (କ୍ଷତିପୂରଣ ଏବଂ ପୁନର୍ବାସ) ଅଧିନିୟମ 1954 ( 44/1954),ର ଧାରା 12- ଭାରତର ସମ୍ବିଧାନ, ଅନୁଚ୍ଛେଦ 19 (1) (ଚ)।*

ବାସ୍ତୁହରା ସମ୍ପତିର ତତ୍ତ୍ୱାବଧାରକ ଘୋଷଣା କରିଥିଲେ ଯେ, ଦୁଇଟି ଘର ବାସ୍ତୁହରା ସମ୍ପତି ଥିଲା । ବାସ୍ତୁହରା ସମ୍ପତିର ପ୍ରଶାସନ ଅଧିନିୟମ 1950 ର ଧାରା 7 ଅନୁଯାୟୀ ଜାରି କରାଯାଇଥିବା ବିଜ୍ଞପ୍ତି, ଯାହା ଦୁଇ ଜଣ ବ୍ୟକ୍ତିଙ୍କୁ ମାଲିକ ଭାବରେ ଘୋଷଣା କରିବାର କାର୍ଯ୍ୟାନୁଷ୍ଠାନକୁ ଆରମ୍ଭ କରିଥିଲା । ଏହି ବ୍ୟକ୍ତିମାନେ ହାଜର ହୋଇ କାର୍ଯ୍ୟାନୁଷ୍ଠାନରେ ଅଂଶଗ୍ରହଣ କରିନଥିଲେ । ଆବେଦନକାରୀମାନେ ଘରଗୁଡ଼ିକରେ କିଛି ଅଂଶ ପାଇବାକୁ ହକଦାର ଥିଲେ ବୋଲି ଦାବି କରିଥିଲେ । ଅଧିନୀୟମର ଧାରା ୭ ଅନୁଯାୟୀ ସେମାନଙ୍କୁ କୌଣସି ବିଜ୍ଞପ୍ତି କେବେ ବି ଜାରି କରାଯାଇ ନଥିଲା ଏବଂ ସେମାନଙ୍କୁ କେବେ ବାସ୍ତୁହରା ଘୋଷଣା କରାଯାଇ ନଥିଲା । ଆବେଦନକାରୀଙ୍କ ମଧ୍ୟରୁ ଜଣେ, ଅଧିନୀୟମ ଅନୁଯାୟୀ ମହା ତତ୍ତ୍ୱାବଧାରକଙ୍କ ନିକଟରେ ଏକ ଅପିଲ ଦାଖଲ କରିଥିଲେ ଯାହାକୁ ତମାଦି ଥିବା ଆଧାରରେ ଖାରଜ କରାଯାଇଥିଲା । ଆବେଦନକାରୀମାନେ ଭାରତୀୟ ସମ୍ବିଧାନର ଧାରା 32 ଅନୁଯାୟୀ ଏହି ଅବେଦନଟି ଦାଖଲ କରିଥିଲେ ଏବଂ ଦର୍ଶାଇଥିଲେ ଯେ ସେମାନଙ୍କୁ ଘରର ଅଂଶରୁ ଭୁଲ ଭାବରେ ବଞ୍ଚିତ କରାଯାଇଛି ।

1961
ଜାଫର ଅଲ୍ଲୀ ଶାହ
ବନାମ
ବାସ୍ତୁହରା ସମ୍ପତିର
ସହାୟକ
ତତ୍ୱବଧାୟକ
ନ୍ୟାୟାଧୀଶ ସରକାର

ନିର୍ଣ୍ଣିତ କରାଗଲା ଯେ, ଅଧିନିୟମ 7 ଅନୁଯାୟୀ ଆବେଦନକାରୀଙ୍କୁ କୌଣସି ବିଜ୍ଞପ୍ତି ପ୍ରଦାନ କରାଯାଇନଥିବାରୁ, ଘରେ ସେମାନଙ୍କର ଅଂଶ କେବେବି ବାସ୍ତୁହରା ସମ୍ପତ୍ତି ହୋଇ ନଥିଲା କିମ୍ବା ତତ୍ତ୍ୱାବଧାରକଙ୍କ ଉପରେ ନ୍ୟସ୍ତ ହୋଇନଥିଲା । ଆବେଦନ କରିଥିବା ଆବେଦନକାରୀ ଗୃହରେ ନିଜର ଅଧିକାର ହରାଇ ନାହାନ୍ତି କାରଣ ଆବେଦନରେ ଏହି ଅଧିକାର ସମ୍ବନ୍ଧୀୟ କୌଣସି ପ୍ରଶ୍ନର ସମାଧାନ ହୋଇନାହିଁ ବରଂ ଏହାକୁ ନିର୍ଦ୍ଧାରିତ ସମୟ ପରେ ଦାଖଲ ହୋଇଥିବା ଆଧାରରେ ଏହାକୁ ଖାରଜ କରାଯାଇଥିଲା । ନିୟମ ଆଧାରରେ, ତାଙ୍କ ଦ୍ୱାରା କୌଣସି ଆବେଦନ କରାଯାଇ ପାରିବ ନାହିଁ କାରଣ ସେ ଘୋଷଣାର ପରିଣାମ ସ୍ୱରୂପ କାର୍ଯ୍ୟଧାରାର ଏକ ପକ୍ଷ ନଥିଲେ ।

ବିସ୍ଥାପିତ ବ୍ୟକ୍ତି (କ୍ଷତିପୂରଣ ଏବଂ ପୁନର୍ବାସ) ଅଧିନିୟମ 1954ର ଧାରା 12 କେବଳ ନିଜ ସମ୍ପତ୍ତିରୁ ବାସ୍ତୁହରା ବ୍ୟକ୍ତିଙ୍କ କ୍ଷେତ୍ରରେ ପ୍ରଯୁଜ୍ୟ ହୋଇଥାଏ । ସେହି ଧାରା ଅଧୀନରେ କରାଯାଇଥିବା ଅଧିସୂଚନାର ପ୍ରଭାବ, ଗୃହରେ ଆବେଦନକାରୀଙ୍କ ଅଧିକାରକୁ ଲୋପ କରିପାରିବ ନାହିଁ, କାରଣ ସେମାନଙ୍କୁ କେବେବି ବାସ୍ତୁହରା ଘୋଷଣା କରାଯାଇ ନଥିଲା ।

ଇବ୍ରାହିମ୍ ଅବୁବକର ବନାମ ଟେକ୍ ଚାନ୍ଦ ଡୋଲୱାନୀ, [1953] ଏସ୍. ସି. ଆର୍. 691ରେ , ଉଲ୍ଲେଖ କରାଯାଇଅଛି ।

**ମୂଳ ଅଧିକରିତା** : ଆଜ୍ଞାଦେଶ ଆବେଦନ ସଂଖ୍ୟା 96/ 1959 ।

ମୌଳିକ ଅଧିକାରର ପ୍ରବର୍ତ୍ତନ ପାଇଁ ଭାରତୀୟ ସମ୍ବିଧାନର ଧାରା 32 ଅନୁଯାୟୀ ଆବେଦନ ।

ଏସ୍. ଶୌକତ ହୁସେନ୍ ଏବଂ ପି. ସି. ଅଗ୍ରୱାଲା ଆବେଦନକାରୀଙ୍କ ପକ୍ଷରୁ ଯୁକ୍ତି ଉପସ୍ଥାପନ କରିଥିଲେ ।

ଏନ୍. ଏସ୍. ବିନ୍ଦ୍ରା, ଆର୍. ଏଚ୍. ଢେବର ଏବଂ ଟି. ଏମ୍. ସେନ୍ ଉତ୍ତରଦାତାମାନଙ୍କ ପାଇଁ ଯୁକ୍ତି ଉପସ୍ଥାପନ କରିଥିଲେ ।

1961,ଏପ୍ରିଲ, 4 । ନ୍ୟାୟାଳୟଙ୍କ ଦ୍ୱାରା ରାୟ ପ୍ରଦାନ କରାଯାଇଥିଲା ।

ନ୍ୟାୟାଧୀଶ ସରକାରଙ୍କ ଦ୍ୱାରା -ଏହି ଆବେଦନଟି ସମ୍ବିଧାନର ଅନୁଚ୍ଛେଦ 19 (1) (f) ଦ୍ୱାରା ସୁନିଶ୍ଚିତ କରାଯାଇଥିବା, ସମ୍ପତ୍ତି ଧାରଣ କରିବାର ମୌଳିକ ଅଧିକାରର ଉଲ୍ଲଂଘନ ଉପରେ ପ୍ରଶ୍ନ ଉଠାଏ । ଏହି ଅବେଦନଟି, ବାସ୍ତୁହରା ସମ୍ପତ୍ତି ପ୍ରଶାସନ ଅଧିନିୟମ 1950 ଅଧୀନରେ

ଦିଆଯାଇଥିବା ଏକ ଆଦେଶରୁ ଉତ୍ପନ୍ନ ହୋଇଛି, ଯେଉଁଥିରେ ଦୁଇଟି ଘରକୁ ବାସ୍ତୁହରା ସମ୍ପତ୍ତି ଭାବେ ଘୋଷଣା କରାଯାଇଥିଲା ।

ଘଟଣା କ୍ରମେ, 1951 ମସିହା ସେପ୍ଟେମ୍ବର ମାସର କୌଣସି ଏକ ସମୟରେ, ଅଧିନିୟମ ର ଧାରା 7 ଅନୁଯାୟୀ, ନୁସ୍ରତ୍ ଅଲ୍ଲୀ ଏବଂ ଫତେ ଅଲ୍ଲୀଙ୍କୁ ସମ୍ବୋଧିତ କରି ଦୁଇଟି ବିଜ୍ଞପ୍ତି ଜାରି କରାଯାଇଥିଲା, ଯେଉଁଥିରେ ସେମାନଙ୍କୁ କାରଣ ଦର୍ଶାଇବାକୁ କୁହାଯାଇଥିଲା ଯେ, ଗୃହ ଦୁଇଟି ବିବାଦରେ ଥିବା ହେତୁ, ସେମାନଙ୍କ ସମ୍ପତ୍ତିକୁ କାହିଁକି ବାସ୍ତୁହରା ସମ୍ପତ୍ତି ବୋଲି ଘୋଷଣା କରାଯିବା ଉଚିତ ନୁହେଁ । ଏହି ଦୁଇ ଜଣଙ୍କ ମଧ୍ୟରୁ କେହି ହାଜର ହୋଇନଥିଲେ, ସେହି ଅଧିନିୟମ ଅନୁଯାୟୀ 1952 ମସିହା ଜାନୁଆରୀ 10 ତାରିଖରେ ତତ୍ତ୍ୱାବଧାରକଙ୍କ ଦ୍ୱାରା ଏକ ଘୋଷଣା ଦ୍ୱାରା, ନୁସ୍ରତ୍ ଅଲ୍ଲୀ ଏବଂ ଫତେ ଅଲ୍ଲୀଙ୍କୁ ବାସ୍ତୁହରା ଏବଂ ଘରଗୁଡ଼ିକ ବାସ୍ତୁହରା ସମ୍ପତ୍ତି ଘୋଷିତ କରାଯାଇଥିଲା । ଏପରି ଘୋଷଣା ପରେ ଅଧିନିୟମର ଧାରା 8 ର ବ୍ୟବସ୍ଥା ଅନୁଯାୟୀ ଘରଗୁଡ଼ିକ ତତ୍ତ୍ୱାବଧାରକଙ୍କ ଉପରେ ନ୍ୟସ୍ତ ହୋଇଥିଲା ଏବଂ ସେ ସେଗୁଡ଼ିକୁ ନିଜର ଦଖଲକୁ ନେଇଥିଲେ । ଏହି ଘରଗୁଡ଼ିକ ଖାଦିମ ଅଲ୍ଲୀ ନାମକ ବ୍ୟକ୍ତିଙ୍କର ସମ୍ପତ୍ତି ଥିଲା, ଯାହାଙ୍କୁ କେବେବି ବାସ୍ତୁହରା ଘୋଷଣା କରାଯାଇନଥିଲା ଏବଂ ସେ 1950 ମସିହା ଅକ୍ଟୋବର 1 ତାରିଖରେ କିମ୍ବା ତାହାର ପାଖାପାଖି ସମୟରେ ମୃତ୍ୟୁ ବରଣ କରିଥିଲେ । ତାଙ୍କର ତିନି ପୁଅ ଏବଂ ପାଞ୍ଚ ଝିଅ ଥିଲେ, ଯେଉଁମାନେକି ଉପରୋକ୍ତ ସମ୍ପତିର କେତେକ ଅଂଶରେ ଅଧିକାର ରହିଥିଲା । ନୁସରତ ଅଲ୍ଲୀ ଏବଂ ଫତେହ ଅଲ୍ଲୀ ଖାଦିମ ଅଲ୍ଲୀଙ୍କ ଦୁଇ ପୁଅ ଥିଲେ । ଆବେଦନକାରୀମାନେ ତାଙ୍କର ଅନ୍ୟ ଏକ ପୁଅ ଏବଂ ଦୁଇ ଝିଅ ଅଟନ୍ତି । ଧାରା 7 ଅନୁଯାୟୀ ସେମାନଙ୍କୁ କୌଣସି ବିଜ୍ଞପ୍ତି ଜାରି କରାଯାଇ ନଥିଲା କିମ୍ବା ସେମାନଙ୍କୁ କେବେବି ବାସ୍ତୁହରା ବୋଲି ଘୋଷଣା କରାଯାଇ ନଥିଲା । ଏହି ତଥ୍ୟଗୁଡ଼ିକ ବିବାଦସ୍ପଦ ନୁହେଁ ।

ଆବେଦନକାରୀମାନେ ଯୁକ୍ତି କରିଛନ୍ତି ଯେ ତତ୍ତ୍ୱାବଧାରକଙ୍କ କାର୍ଯ୍ୟାନୁଷ୍ଠାନ ଦ୍ୱାରା ସେମାନେଙ୍କୁ ଭୁଲ ଭାବରେ ଗୃହରେ ଥିବା ସେମାନଙ୍କର ଅଧିକାରରୁ ବଞ୍ଚିତ ରଖାଯାଇଛି । ସେମାନେ କୁହନ୍ତି ଯେ ଦୀର୍ଘ ସମୟ ଧରି ସେମାନେ ଗୃହ ସମ୍ବନ୍ଧରେ ଅଧିନିୟମ ଅନୁଯାୟୀ ନିଆଯାଇଥିବା କାର୍ଯ୍ୟାନୁଷ୍ଠାନ ବିଷୟରେ ଅବଗତ ନଥିଲେ ଏବଂ ଯେତେବେଳେ ସେମାନେ ତତ୍ତ୍ୱାବଧାରକଙ୍କ ଆଦେଶ ବିଷୟରେ ଜାଣିବାକୁ ପାଇଲେ, ସେମାନେ ନିଜ ଅଧିକାରର ସୁରକ୍ଷା ପାଇଁ ବିଭିନ୍ନ ପଦକ୍ଷେପ ନେଇଥିଲେ କିନ୍ତୁ ବିଫଳ ହୋଇଥିଲେ । ୧୯୬୧ ମସିହାରେ, ପୁରୁଷ ଆବେଦନକାରୀଙ୍କ ଦ୍ୱାରା ସମସ୍ତ ଆବେଦନକାରୀଙ୍କ ପକ୍ଷରୁ, ଜାନୁଆରୀ ୧୦, ୧୯୫୨ର

1961
ଜାଫର ଅଲ୍ଲୀ ଶାହ
ବନାମ
ବାସ୍ତୁହରା ସମ୍ପତିର
ସହାୟକ
ତତ୍ତ୍ୱବଧାୟକ
ନ୍ୟାୟାଧୀଶ ସରକାର

ଆଦେଶ ବିରୁଦ୍ଧରେ, ମହାତତ୍ତ୍ୱାବଧାରକଙ୍କ ନିକଟରେ କରାଯାଇଥିବା ଅପିଲଟି ଏପରି ପଦକ୍ଷେପଗୁଡ଼ିକ ମଧ୍ୟରୁ ଗୋଟିଏ ବୋଲି ପ୍ରତୀୟମାନ ହେଉଅଛି । ଆବେଦନଟି ଖାରଜ ହେବା ପରେ, ସେମାନେ ବର୍ତ୍ତମାନ ଏହି ଅଦାଲତରେ ଅବେଦନ କରିଥିଲେ ।

ପ୍ରଶ୍ନ ହେଉଛି, ତତ୍ତ୍ୱାବଧାରକ ଦୁଇଟି ଘରକୁ ବାସ୍ତୁହରା ସମ୍ପତ୍ତି ଘୋଷଣା କରିବାକୁ ଏବଂ ଆବେଦନକାରୀଙ୍କୁ ସେମାନଙ୍କ ଅଧିକାରରୁ ବଞ୍ଚିତ କରିବାକୁ ହକଦାର ଥିଲେ କି । ଏହା ସୁପ୍ରତିଷ୍ଠିତ ଏବଂ ନିର୍ବିବାଦୀୟ ଯେ, ସେପର୍ଯ୍ୟନ୍ତ କୌଣସି ବ୍ୟକ୍ତିଙ୍କ ସମ୍ପତ୍ତିକୁ ବାସ୍ତୁହରା ସମ୍ପତ୍ତି ବୋଲି ଘୋଷଣା କରାଯାଇପାରିବ ନାହିଁ ଯେ ପର୍ଯ୍ୟନ୍ତ ସେହି ବ୍ୟକ୍ତିଙ୍କୁ ଅଧିନୀୟମର ଧାରା 7 ଅନୁଯାୟୀ ପ୍ରଥମେ ନୋଟିସ୍ ଦିଆଯାଇ ନାହିଁ । *ଇବ୍ରାହିମ ଅବୁବକର ବନାମ ଟେକ୍ ଚାନ୍ଦ ଡୋଲୱାନୀ* ([1]) ମାମଲା ଦେଖନ୍ତୁ । ସ୍ୱୀକାରଯୋଗ୍ୟ ଯେ , ଆବେଦନକାରୀମାନଙ୍କୁ ଏପରି କୌଣସି ବିଜ୍ଞପ୍ତି ଜାରି କରାଯାଇ ନଥିଲା । ତେଣୁ, ଘରଗୁଡ଼ିକ ଉପରେ ସେମାନଙ୍କର ଅଧିକାର, ତତ୍ତ୍ୱାବଧାରକ ଉପରେ ନିହିତ ହୋଇନପାରେ ।

ପ୍ରତିବାଦିଙ୍କ ପାଇଁ ବିଜ୍ଞ ଓକିଲ ଏବଂ ବାସ୍ତୁହରା ସମ୍ପତ୍ତି ସହିତ ଜଡିତ ଅଧିକାରୀମାନେ ସ୍ୱୀକାର କରିଛନ୍ତି ଯେ, ଅଧିନୀୟମର ଧାରା 7 ଅନୁଯାୟୀ ଦିଆଯାଇଥିବା ଆଦେଶ ଆଧାରରେ ମହିଳା ଆବେଦନକାରୀମାନଙ୍କ ସ୍ୱାର୍ଥ କୌଣସି ପ୍ରକାରେ ପ୍ରଭାବିତ ହୋଇପାରିବ ନାହିଁ । ତଥାପି ସେ ଯୁକ୍ତି ରଖିଛନ୍ତି ଯେ ପୁରୁଷ ଆବେଦନକାରୀ ଜାଫର ଅଲି, ଜାନୁଆରୀ ୧୦, ୧୯୫୨ର ଆଦେଶ ବିରୁଦ୍ଧରେ ମହା ତତ୍ତ୍ୱାବଧାରକ ନିକଟରେ ଆବେଦନ ଅପିଲ କରିଥିଲେ, ଏବଂ ଆଦେଶଟି ଏକ ଅର୍ଦ୍ଧ-ନ୍ୟାୟିକ ନିଷ୍ପତ୍ତି ହୋଇଥିବାରୁ, ତାଙ୍କର ଅପିଲଟି ଖାରଜ ହେବା ଆବଶ୍ୟକ ଅଟେ । ତେଣୁ ଏହା କୁହାଯାଏ ଯେ, ସେ ଏହି ଆବେଦନକୁ ବଜାୟ ରଖିପାରିବେ ନାହିଁ ।

ଆମ ମତରେ ଏହି ଯୁକ୍ତିଟି ଯଥାର୍ଥ ନୁହେଁ । ଜାଫର ଅଲ୍ଲୀ, ବିବାଦୀୟ ଆଦେଶ ଦିଆଯାଇଥିବା ପ୍ରକ୍ରିୟାରେ ପକ୍ଷଭୁକ୍ତ ନଥିଲେ । । ସଠିକ ଭାବରେ କହିବାକୁ ଗଲେ, ସେହି ଆଦେଶ ବିରୁଦ୍ଧରେ ସେ କୌଣସି ଅପିଲ କରିନଥିଲା କିମ୍ବା ଆବଶ୍ୟକ ନଥିଲା । ଏଥିଅନ୍ତେ ଅପିଲଟି, ଘର ଉପରେ ଜାଫର ଅଲ୍ଲୀଙ୍କ ଅଧିକାର ବିଷୟରେ କୌଣସି ପ୍ରଶ୍ନର ନିଷ୍ପତ୍ତି ନେଇପାରିନଥିଲା, କାରଣ ଏହି ଅପିଲଟି ନିର୍ଦ୍ଧାରିତ ସମୟ ପରେ ଦାଖଲ କରାଯାଇଥିବାରୁ ଖାରଜ ହୋଇଯାଇଥିଲା । ଜାଫର ଅଲ୍ଲୀଙ୍କ ଗୃହ ଉପରେ ଅଧିକାର ସମ୍ବନ୍ଧରେ, ମହା ତତ୍ତ୍ୱାବଧାରକଙ୍କର କୌଣସି ନ୍ୟାୟିକ ନିର୍ଣ୍ଣୟ ନଥିଲା । ଏହି ଯୁକ୍ତି ଉପସ୍ଥାପନ କରାଯାଇଥିଲା ଯେ,

([1]) [1953] S.C.R 691,702

ଘର ଉପରେ ଜାଫର ଅଲ୍ଲୀଙ୍କ ଅଂଶ ତାଙ୍କୁ ଉପଯୁକ୍ତ ସୂଚନା ନଦେଇ ତତ୍ତ୍ୱାବଧାରକଙ୍କ ଉପରେ ନ୍ୟସ୍ତ କରାଯାଇପାରିବ ନାହିଁ, ତେବେ ଆମେ ବୁଝିବାକୁ ଅସମର୍ଥ ଯେ କେଉଁ ସ୍ଥିତିରେ ଜାଫର ଅଲ୍ଲୀ କରିଥିବା ଅବେଦନଟି, ସମୟସୀମାର ବାହାରେ ଦର୍ଶାଇ ଖାରଜ କରାଯାଇଥିଲା ଏବଂ ସେ ଏହି ଅବେଦନଟିକୁ  କଦାପି ଦାଖଲ କରିବାର ଆବଶ୍ୟକ ନଥିଲା । ଜାଫର୍ ଅଲ୍ଲୀଙ୍କ ଗୃହରେ ଅଂଶଧନ ସମ୍ପର୍କରେ ଜାନୁଆରୀ ୧୦, ୧୯୫୨ର ଆଦେଶ, ଅଧିକରିତା କ୍ଷେତ୍ର ବାହାରେ ଥିଲା, ଏବଂ ଆବେଦନ ସତ୍ତ୍ବେ  ଏହା ବଳବତ୍ତର ରହିଥିଲା ।

ଆମ ମତରେ, ପ୍ରାର୍ଥନାଟି,  ଆବେଦନରେ କରାଯାଇଥିବା କୌଣସି ଦାବିର ଉତ୍ତର ପ୍ରଦାନ କରି ନାହିଁ । ଯେହେତୁ ଧାରା 7 ଆଧାରରେ ଆବେଦନକାରୀମାନଙ୍କୁ କୌଣସି ଅଧିନିୟମରେ ଜାରି କରାଯାଇ ନଥିଲା, ତେଣୁ ଦୁଇ ଗୃହରେ  ସେମାନଙ୍କର ଅଧିକାର କଦାପି ତତ୍ତ୍ୱାବଧାରକଙ୍କ  ଉପରେ ନ୍ୟସ୍ତ ହୋଇନପରେ । ତତ୍ତ୍ୱାବଧାରକଙ୍କ ଦ୍ବାରା ଆବେଦନକାରୀଙ୍କୁ ସେମାନଙ୍କ ସମ୍ପତ୍ତିରୁ ବଞ୍ଚିତ ରଖିବା କାର୍ଯ୍ୟକଳାପଟି ଗ୍ରହଣୀୟ ହୋଇପାରିବ ନାହିଁ ।

ଉତ୍ତରଦାତାଙ୍କ  ତରଫରୁ ଏହା ମଧ୍ୟ କୁହାଯାଇଥିଲା ଯେ, ବିସ୍ଥାପିତ ବ୍ୟକ୍ତି (କ୍ଷତିପୂରଣ ଏବଂ ପୁନର୍ବାସ) ଅଧିନିୟମ 1954 ଆଧାରରେ ଏହି ସମ୍ପତ୍ତିଗୁଡ଼ିକ ପୂର୍ବରୁ ଅଧିଗ୍ରହଣ ହୋଇସାରିଛି ଏବଂ ଏହି ଆଧାରରେ ଆବେଦନକାରୀଙ୍କ ପାଖରେ ଏହା ଉପରେ ଆଉ କୌଣସି ଦାବି ନାହିଁ । ଏହି ଆଇନର ଧାରା ୧୨ ର ଉପ-ଧାରା (୨) ରେ ବ୍ୟବସ୍ଥା ଅଛି ଯେ "ଉପ-ଧାରା (୧) ଅନୁଯାୟୀ ଏକ ବିଜ୍ଞପ୍ତି ପ୍ରକାଶନ ହେବ ସମୟର ଠିକ ପରଠାରୁ, ଆଦିନୀୟମରେ ନିର୍ଦ୍ଦିଷ୍ଟ ହୋଇଥିବା ଖାଲି ସମ୍ପତ୍ତିରେ ଯେକୌଣସି ବାସ୍ତୁହରା ବ୍ୟକ୍ତିଙ୍କର ଅଧିକାର, ପଦବୀ ଏବଂ ସ୍ୱାର୍ଥ ଉଚ୍ଛେଦ ହେବ ଏବଂ ବାସ୍ତୁହରା ସମ୍ପତ୍ତିଟି ସମସ୍ତ ପ୍ରତିବନ୍ଧକରୁ ମୁକ୍ତ ହୋଇ କେନ୍ଦ୍ର ସରକାରଙ୍କ ଉପରେ ସମ୍ପୂର୍ଣ୍ଣ ନ୍ୟସ୍ତ ରହିବ"। ଏହି ଧାରାରେ, ଏକ  ଅଧିସୂଚନା ଜାରି କରାଯାଇଥିବା ବିଷୟ ଉଲ୍ଲେଖ କରାଯାଇଥିଲା । ଆମକୁ ଏହା ପ୍ରତୀୟମାନ ହେଉଛି ଯେ ଏହି  ଧାରା ଆବେଦନକାରୀଙ୍କ ଅଧିକାରକୁ ପ୍ରଭାବିତ କରେ ନାହିଁ । ଏହା କେବଳ ଜଣେ ବସ୍ତୁହରାଙ୍କ ଅଧିକାରକୁ ପ୍ରଭାବିତ କରିଥାଏ, ଯାହା ଆବେଦନକାରୀମାନେ ସ୍ୱୀକାର କରିଥିବା ତଥ୍ୟ ଆଧାରରେ ନୁହନ୍ତି ।

ଉଲ୍ଲେଖଯୋଗ୍ୟ ଯେ, ଆବେଦନକାରୀ ଜାଫର ଅଲ୍ଲୀ ଦାବି କରିଛନ୍ତି ଯେ ତାଙ୍କ ପିତା ଏକ ଇଚ୍ଛାପତ୍ର ଛାଡ଼ିଯାଇଥିଲେ,  ଯାହା ତାଙ୍କୁ, ଘରର ଏକ ବଡ଼ ଅଂଶ ପ୍ରଦାନ କରିଥିଲା ।  ଆମେ ଏହି ମାମଲାରେ, ଇଚ୍ଛାପତ୍ର  ଅନୁଯାୟୀ ତାଙ୍କର ଅଧିକାର ବିଷୟରେ ଚିନ୍ତିତ ନୁହେଁ, ଏବଂ ସେଗୁଡ଼ିକ ବିଷୟରେ କୌଣସି ଟିପ୍ପଣୀ କରିନାହୁଁ ।

1961
ଜାଫର ଅଲ୍ଲୀ ଶାହ
ବନାମ
ବାସ୍ତୁହରା ସମ୍ପତିର
ସହାୟକ
ତତ୍ୱବଧାୟକ
ନ୍ୟାୟାଧୀଶ ସରକାର

ଫଳସ୍ୱରୂପ, ଆମେ ଏହି ଆବେଦନକୁ ମଞ୍ଜୁରି ଦେଇଛୁ ଏବଂ 10 ଜାନୁଆରୀ, 1952ର ଆଦେଶକୁ ବରଖାସ୍ତ କରିଛୁ, ଯେହେତୁ ଏହା ସମ୍ପୃକ୍ତ ସମ୍ପତ୍ତି ଉପରେ ଆବେଦନକାରୀଙ୍କ ଅଧିକାରକୁ ପ୍ରଭାବିତ କରିଥିଲା । ଖର୍ଚ୍ଚ ସମ୍ବନ୍ଧରେ କୌଣସି ଆଦେଶ ପ୍ରଦାନ କରାଯାଇନାହିଁ ।

ଆବେଦନକୁ ଅନୁମତି ଦିଆଯାଇଛି ।

## ଅସ୍ୱୀକରଣ

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

***ଭାଷାନ୍ତର :***
ମଦନ ମୋହନ ଭୂୟାଁ
ଅନୁବାଦକ
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।